ସର୍ବ ଶିକ୍ଷା ଅଭିଯାନ

ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ

ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ

ସର୍ବ ଶିକ୍ଷା ଅଭିଯାନ, ବରଗଡ଼

ପତ୍ରାଙ୍କ ୬୫୩୮ ତାରିଖ ୦୮ / ୧୨ /୨୦୧୧

ବରଗଡ଼ ରାଜସ୍ୱ ଜିଲ୍ଲାର ଶିକ୍ଷା ଜିଲ୍ଲାଗୁଡିକର ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟମାନଙ୍କରେ ଆବଶ୍ୟକ ଶିକ୍ଷା ସହାୟକ ନିୟୋଜନ ପାଇଁ ବରଗଡ଼ ଜିଲ୍ଲା ପରିଷଦ ତରଫରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀ / ପ୍ରାର୍ଥୀନୀ ଯେ କୌଣସି ଗୋଟିଏ ଶିକ୍ଷା ଜିଲ୍ଲା ପାଇଁ ଆବେଦନ କରିପାରିବେ । ଏଥିପାଇଁ ଆବେଦନ ପତ୍ର ସହିତ ପ୍ରାର୍ଥୀ / ପ୍ରାର୍ଥୀନୀମାନେ ଯେ, କୌଣସି ଗୋଟିଏ ଶିକ୍ଷା ଜିଲ୍ଲା ପାଇଁ ଆବେଦନ କରିଛନ୍ତି ବୋଲି ଏକ ସତ୍ୟପାଠ ସଂଲଗ୍ନ କରିବେ । ଯାଞ୍ଚ ସମୟରେ ଯଦି ପ୍ରାର୍ଥୀ / ପ୍ରାର୍ଥୀନୀମାନେ ଆବେଦନ କରିଥିବା ଶିକ୍ଷା ଜିଲ୍ଲା ବ୍ୟତୀତ ଅନ୍ୟଶିକ୍ଷା ଜିଲ୍ଲାରେ ଆବେଦନ କରିଥିବା ପ୍ରମାଣିତ ହୁଏ ତେବେ ପ୍ରାର୍ଥୀ / ପ୍ରାର୍ଥୀନୀଙ୍କର ଆବେଦନ ପତ୍ର ବିଚାରକୁ ନିଆ ନ ଯାଇ ନାକଚ କରି ଦିଆଯିବ । ସାର୍ଟିଫିକେଟ ଜାଲ ବୋଲି ପ୍ରମାଣିତ ହେଲେ ଆଇନ ଅନୁଯାୟୀ କାର୍ଯାନୁଷ୍ଠାନ ଗ୍ରହଣ କରାଯିବ ଏବଂ ନିଯୁକ୍ତି ରଦ୍ଦ କରାଯିବ । ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀ / ପ୍ରାର୍ଥୀନୀମାନେ ସାଧା କାଗଜରେ ନିମ୍ନ ପ୍ରଦତ୍ତ ଦରଖାସ୍ତ ଫର୍ମ ଅନୁସାରେ ଆବେଦନ ପତ୍ର ସଂପୃକ୍ତ ଜିଲ୍ଲା ପ୍ରକଳ୍ପ କାର୍ଯାଳୟ , ସର୍ବ ଶିକ୍ଷା ଅଭିଯାନ ରେ ଆସନ୍ତା ତା ୧୦-୦୧-୨୦୧୨ ରିଖ ସୁଦ୍ଧା ରେଜିଷ୍ଟ୍ରି ଡାକରେ କିମ୍ବା ବ୍ୟକ୍ତିଗତ ଭାବେ ଦାଖଲ କରିବା ଆବଶ୍ୟକ । ତ୍ରୁଟିପୂର୍ଣ୍ଣ ବା ବିଳମ୍ବରେ ପ୍ରାପ୍ତ ଦରଖାସ୍ତ ଗୁଡ଼ିକୁ ବିଚାରକୁ ନିଆଯିବ ନିଆଯିବ ନାହିଁ । ଆବେଦନପତ୍ର ଜିଲ୍ଲା ପରିଷଦର ମୁଖ୍ୟନିର୍ବାହୀ ଅଧିକାରୀ / ଜିଲ୍ଲାପାଳ ସମ୍ବୋଧିତ କରିବା ଆବଶ୍ୟକ ।

(୨) ଏହି ଶିକ୍ଷା ସହାୟକ ନିୟୋଜନ ପାଇଁ ଶିକ୍ଷା ଜିଲ୍ଲାୱାରୀ ବିଭିନ୍ନ ଶ୍ରେଣୀର ପଦବୀ ସଂଖ୍ୟା ଏବଂ ବିଭିନ୍ନ ବର୍ଗ ପାଇଁ ସଂରକ୍ଷଣ ଥିବା ପଦବୀ ସଂଖ୍ୟା ନିମ୍ନ ପ୍ରକାର ଅଟେ ।

| ଶିକ୍ଷା ଜିଲ୍ଲା | ପଦବୀ ପ୍ରକାର | ମୋଟ ପଦବୀ ସଂଖ୍ୟା | ଶାରିରୀକ ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ପଦବୀ | | |
|---|---|---|---|---|---|
| | | | VI | HI | OH |
| ବରଗଡ଼ | ବି.ଏସି/ ବି.ଏ.ବି.ଇଡି | 135 | 02 | 02 | 01 |
| | ଯୁକ୍ତ ଦୁଇ ବିଜ୍ଞାନ /କଳା/ ବାଣୀଜ୍ୟ ସି.ଟି. | 190 | 03 | 02 | 02 |
| ପଦମ୍ ପୁର | ବି.ଏସି/ ବି.ଏ.ବି.ଇଡି | 125 | 02 | 02 | 01 |
| | ଯୁକ୍ତ ଦୁଇ ବିଜ୍ଞାନ /କଳା/ ବାଣୀଜ୍ୟ ସି.ଟି | 199 | 03 | 03 | 02 |

+୨ ଯୋଗ୍ୟତା ସହ ଉର୍ଦ୍ଦୁ / ତେଲୁଗୁ / ବେଙ୍ଗଲି ତାଲିମପ୍ରାପ୍ତ ସିଟି ପ୍ରାର୍ଥୀ /ପ୍ରାର୍ଥୀନୀମାନେ ରଜସ୍ୱ ଜିଲ୍ଲା ପାଇଁ ଆବେଦନ ପତ୍ର ଦାଖଲ କରିବେ । ସେମାନଙ୍କୁ ଜିଲ୍ଲାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଆବଶ୍ୟକତା ଅନୁଯାୟୀ ନିୟୋଜନ କରାଯିବ । ଏହି ପଦବୀ ଗୁଡ଼ିକର ସଂଖ୍ୟା ଏବଂ ବିଭିନ୍ନ ବର୍ଗ ପାଇଁ ସଂରକ୍ଷଣ ଥିବା ପଦବୀ ସଂଖ୍ୟା ନିମ୍ନ ପ୍ରକାର ଅଟେ ।

| ଶିକ୍ଷା ଜିଲ୍ଲା | ପଦବୀ ପ୍ରକାର | ମୋଟ ପଦବୀ ସଂଖ୍ୟା | ଶାରିରୀକ ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ପଦବୀ | | |
|---|---|---|---|---|---|
| | | | VI | HI | OH |
| ବରଗଡ଼ | ଉର୍ଦ୍ଦୁ ସି.ଟି | 01 | 0 | 0 | 0 |

: ଖାଲିଥିବା ପଦବୀ ସଂଖ୍ୟାର ୧୫୦ ପ୍ରତିଶତ ବିବେଚିତ ପ୍ରାର୍ଥୀଙ୍କୁ ତାଲିକାଭୁକ୍ତ କରାଯିବ । ଏହି ଯୋଗ୍ୟ ବିବେଚିତ ଅସ୍ଥାୟୀ ଏବଂ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା (Provisional and Select list) ଶିକ୍ଷାଜିଲ୍ଲା, ଜିଲ୍ଲା ପରିଷଦ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟମାନଙ୍କର ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ ହେବ ।

୩ : ଶିକ୍ଷାଗତ ଯୋଗ୍ୟତା : ନିମ୍ନଲିଖିତ ଯୋଗ୍ୟତା ଥାଇ ପ୍ରାର୍ଥୀ / ପ୍ରାର୍ଥୀନୀମାନେ ଯେ କୌଣସି ଗୋଟିଏ ପଦବୀ ପାଇଁ ଆବଶ୍ୟକ ଯୋଗ୍ୟତା ଅନୁଯାୟୀ ଆବେଦନ କରି ପାରିବେ ।

(କ) ଯୁକ୍ତ ଦୁଇ (+2) ବିଜ୍ଞାନ / କଳା / ବାଣିଜ୍ୟ କିମ୍ବା କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ତତ୍ତୁଲ୍ୟ ପରିକ୍ଷାରେ ପାସ ଯୋଗ୍ୟତା ସହିତ ସପ୍ତମ. ପର୍ଯ୍ୟନ୍ତ ଓଡ଼ିଆ ମାତୃଭାଷା ଯୋଗ୍ୟତା ଥାଇ ତାଲିମ ପ୍ରାପ୍ତ ସି ଟି (Recognised by NCTE) .

(ଖ) ଯୁକ୍ତ ଦୁଇ (+2) ବିଜ୍ଞାନ / କଳା / ବାଣିଜ୍ୟ କିମ୍ବା କର୍ତ୍ତୃପକ୍ଷଙ୍କ ଦ୍ଵାରା ଘୋଷିତ ତତ୍ତୁଲ୍ୟ ପରିକ୍ଷାରେ ପାସ ଯୋଗ୍ୟତା ସହିତ ସପ୍ତମ. ପର୍ଯ୍ୟନ୍ତ ଓଡ଼ିଆ ମାତୃଭାଷା ଯୋଗ୍ୟତା ଥାଇ Rehabilation council of India (RCI) ଦ୍ଵାରା ସ୍ଵୀକୃତିପ୍ରାପ୍ତ ସ୍ଵତନ୍ତ୍ରଶିକ୍ଷାରେ ଦୁଇ ବର୍ଷିୟା ଡ଼ିପ୍ଲୋମା ତାଲିମ ( 2 year Diploma in Special Education) ।

(ଗ) ସ୍ନାତକରେ ବିଜ୍ଞାନ/ କଳା / କିମ୍ବା ଉପଯୁକ୍ତ କର୍ତ୍ତୃପକ୍ଷ ଦ୍ଵାରା ଘୋଷିତ ତତ୍ତୁଲ୍ୟ ପରିକ୍ଷାରେ ପାସ ଯୋଗ୍ୟତା ସହିତ H.S.C. ପର୍ଯ୍ୟନ୍ତ ଓଡ଼ିଆ ମାତୃଭାଷା ଯୋଗ୍ୟତା ଥାଇ ବି ଏଡ଼ ତାଲିମ ପ୍ରାପ୍ତ (Recognised by NCTE) .

(ଘ) ସ୍ନାତକରେ ବିଜ୍ଞାନ/ କଳା କିମ୍ବା ଉପଯୁକ୍ତ କର୍ତ୍ତୃପକ୍ଷ ଦ୍ଵାରା ଘୋଷିତ ତତ୍ତୁଲ୍ୟ ପରିକ୍ଷାରେ ପାସ ଯୋଗ୍ୟତା ସହିତ H.S.C. ପର୍ଯ୍ୟନ୍ତ ଓଡ଼ିଆ ମାତୃଭାଷା ଯୋଗ୍ୟତା ଥାଇ (Rehabilation council of India (RCI) ଦ୍ଵାରା ସ୍ଵୀକୃତିପ୍ରାପ୍ତ ସ୍ଵତନ୍ତ୍ରଶିକ୍ଷା ପାଠ୍ୟକ୍ରମରେ ବି ଏଡ଼ ତାଲିମ ( B Ed. Special Education) ।

(ଙ) +୨ ଯୋଗ୍ୟତା ସହ ଉର୍ଦ୍ଦୁ / ତେଲୁଗୁ / ବେଙ୍ଗଲି ତାଲିମପ୍ରାପ୍ତ ସିଟି ପ୍ରାର୍ଥୀ /ପ୍ରାର୍ଥୀନୀମାନେ ଅନ୍ତତଃ ପକ୍ଷେ ଉର୍ଦ୍ଦୁ / ତେଲୁଗୁ / ବେଙ୍ଗଲି ମାତୃଭାଷା ଥାଇ ସପ୍ତମ ଶ୍ରେଣୀ ପାସ୍ କରିଥିବା ଆବଶ୍ୟକ ।

(ଚ) ଯୁକ୍ତ ଦୁଇ (+2) ବିଜ୍ଞାନ / କଳା / ବାଣିଜ୍ୟ କିମ୍ବା କର୍ତ୍ତୃପକ୍ଷଙ୍କ ଦ୍ଵାରା ଘୋଷିତ ତତ୍ତୁଲ୍ୟ ପରିକ୍ଷାରେ ପାସ ଯୋଗ୍ୟତା ସହିତ ସପ୍ତମ. ପର୍ଯ୍ୟନ୍ତ ଓଡ଼ିଆ ମାତୃଭାଷା ଯୋଗ୍ୟତା ଥାଇ ଏବଂ ବିଜ୍ଞାନ ଓ କଳାରେ କିମ୍ବା ତତ୍ତୁଲ୍ୟ ପରିକ୍ଷାରେ ସ୍ନାତକ ପାସ୍ ସହିତ ଓଡ଼ିଆ ମାତୃଭାଷା ଦଶମ ପର୍ଯ୍ୟନ୍ତ ଯୋଗ୍ୟତା ଥିବା ଅଣତାଲିମ ପ୍ରାପ୍ତ ତଫସିଲ ଭୁକ୍ତ ଜାତି, ଜନଜାତି, ଶାରିରୀକ ଅକ୍ଷମ ପ୍ରାର୍ଥୀ ମାନେ ଯୋଗ୍ୟତା ଅନୁଯାୟୀ ଗୋଟିଏ ପଦ ପାଇଁ ଆବେଦନ କରିପାରିବେ । ଯଦି ସଂପୃକ୍ତ ଶିକ୍ଷା ୟୁନିଟ ରେ ଆବଶ୍ୟକ ସଂଖ୍ୟକ ତଫସିଲ ଭୁକ୍ତ ଜାତି, ଜନଜାତି, ଶାରିରୀକ ଅକ୍ଷମ ତାଲିମ ପ୍ରାପ୍ତ ପ୍ରାର୍ଥୀ ନ ମିଳନ୍ତି ଏବଂ ଭାରତ ସରକାରଙ୍କ ଠାରୁ ଶିକ୍ଷାଗତ ଯୋଗ୍ୟତା ସର୍କିତ ରିହାତିର ଆଦେଶ ଅନୁଯାୟୀ ସେମାନଙ୍କ ବିଷୟକୁ ବିଚାରକୁ ନେଇ ନିଯୁକ୍ତି ଦିଆଯିବ ।

(ଛ) ୨୦୧୦-୧୧ ଶିକ୍ଷା ବର୍ଷରେ ସି ଟି ପରୀକ୍ଷା ଦେଇ ଥିବା ପ୍ରାର୍ଥୀ ମାନେ Admit କାର୍ଡର ନକଲ ସଂଯୋଗ କରି ଆବେଦନ କରିପାରିବେ । ସି ଟି ପରିକ୍ଷାର result ବାହାରିବାର ୧୫ ଦିନ ମଧ୍ୟରେ ସେମାନେ ପାସ୍ certificate ଏବଂ marksheet ର ନକଲ ଆବେଦନ କରିଥିବା ଜିଲ୍ଲାରେ ଦାଖଲ କରିବା ପରେ କେବଳ ସେମାନଙ୍କର ଦରଖାସ୍ତ ବିଚାରକୁ ନିଆଯିବ ।

ସମସ୍ତ ଅଣ ତାଲିମ ପ୍ରାପ୍ତ ପ୍ରାର୍ଥିମାନେ ନିୟୋଜନ ହେବାର ପାଞ୍ଚ ବର୍ଷ ମଧ୍ୟରେ ନିଜ ଖର୍ଚ୍ଚରେ ତାଲିମପ୍ରାପ୍ତ ହେବେ ବୋଲି ଏକ Undertaking ଦେବେ ।

୪ : ବୟସସୀମା- ପ୍ରାର୍ଥୀ ମାନଙ୍କର ବୟସ ତା ୧-୧୧-୨୦୧୧ ରିଖ ସୁଦ୍ଧା ୪୨ ବର୍ଷରୁ ଅଧିକ ହୋଇ ନ ଥିବ କିମ୍ବା ୧୮ ବର୍ଷରୁ କମ୍ ହୋଇ ନ ଥିବା ଆବଶ୍ୟକ । ତଫସିଲଭୁକ୍ତ ଜାତି, ତଫସିଲଭୁକ୍ତ ଜନଜାତି, ସାମରିକ କର୍ମଚାରୀ, ମହିଳା ଏବଂ SEBC ପ୍ରାର୍ଥୀ ମାନଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା ୫ ବର୍ଷ କୋହଳ କରାଯିବ । ଶାରିରୀକ ଭିନ୍ନକ୍ଷମ ମାନଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା ୧୦ ବର୍ଷ କୋହଳ କରାଯିବ ।

୫ : ନିୟୋଜନ: ଶିକ୍ଷା ସହାୟକ ମାନେ ବାର୍ଷିକ ଚୁକ୍ତି ଅନୁଯାୟୀ ପ୍ରାଥମିକ / ଉଚ୍ଚ ପ୍ରାଥମିକ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉନ୍ନିତ ଶ୍ରେଣୀ ମାନଙ୍କରେ ଆବଶ୍ୟକ ଅନୁଯାୟୀ ନିୟୋଜିତ (Engagement) ହେବେ ।

୫.୧ : ନିୟୋଜନ ପତ୍ର ପ୍ରଦାନ ପୂର୍ବରୁ ସଂପୃକ୍ତ ଜିଲ୍ଲା ପରିଷଦ ତରଫରୁ ମୁଖ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ତଥା ଜିଲ୍ଲାପାଳ ଓ ଶିକ୍ଷା ସହାୟକଙ୍କ ମଧ୍ୟରେ ଷ୍ଟା- କାଗଜ ମାଧ୍ୟମରେ ନିର୍ଦ୍ଧରିତ ଫର୍ମରେ ଏକ ଚୁକ୍ତିନାମା ସ୍ଵାକ୍ଷରିତ କରାଯିବ ।

୫.୨ : ଶିକ୍ଷା ସହାୟକ /ସହାୟିକା ମାନଙ୍କୁ ସେମାନେ ଆବେଦନ କରିଥିବା ଶିକ୍ଷା ଜିଲ୍ଲା ମଧ୍ୟରେ ନିୟୋଜନ କରାଯିବ ।

୬. ସଂରକ୍ଷଣ ବ୍ୟବସ୍ଥା : O.R.V. Act ସଂଙ୍ଗେ ସଂଙ୍ଗେ ରାଜ୍ୟ ସରକାରଙ୍କର ଅନ୍ୟାନ୍ୟ ସଂରକ୍ଷଣ ନୀତି ଏବଂ ଅନ୍ୟ ପ୍ରାର୍ଥି ଯଥା - ପୂର୍ବତନ ସାମରିକ କର୍ମଚାରୀ (Ex-Servicemen ), ଭିନ୍ନକ୍ଷମ (Handicapped ) ଙ୍କ ପାଇଁ ସାଧାରଣ ପ୍ରଶାସନ ବିଭାଗ ରିଜଲ୍ୟୁସନ ନମ୍ବର - ୨୫୩୮୪ ତା : ୨୦-୦୯-୨୦୦୫ ଅନୁଯାୟୀ ସଂରକ୍ଷଣ ବ୍ୟବସ୍ଥା ଲାଗୁହେବ ଏବଂ କ୍ରୀଡ଼ା କ୍ଷେତ୍ରରେ ସ୍ଵାତନ୍ତ୍ର୍ୟ ଅର୍ଜନ କରିଥିବା ବ୍ୟକ୍ତି ( Eminenet Sports Person ) ଙ୍କ ନିମନ୍ତେ ସରକର ଙ୍କ ଦ୍ଵାରା ସଂକଳିତ ସଂରକ୍ଷଣ ନିୟମ ଲାଗୁ କରାଯିବ ।

ମହିଳା ପ୍ରାର୍ଥୀନୀ ମାନଙ୍କ ପାଇଁ ସଂପୃକ୍ତ ବର୍ଗର ୩୩.୧/୩ ପ୍ରତିଶତ ସଂରକ୍ଷଣ ଲାଗୁ ହେବ ।

୭. ତାଲିମପ୍ରାପ୍ତ ଶିକ୍ଷା ସହାୟକ /ସହାୟିକା ମାନଙ୍କୁ ମାସିକ ଟ.୪୦୦୦/- ପାରିଶ୍ରମିକ ଆକାରରେ ଦିଆଯିବ ।

୮. ଅଣତାଲିମପ୍ରାପ୍ତ ଶିକ୍ଷା ସହାୟକ /ସହାୟିକା ମାନଙ୍କୁ ମାସିକ ଟ.୩୫୦୦/- ପାରିଶ୍ରମିକ ଆକାରରେ ଦିଆଯିବ ।

୯.. ନିମ୍ନ ପ୍ରଦତ୍ତ ଦରଖାସ୍ତ ଫର୍ମ ଅନୁସାରେ ଆବେଦନ କରାଯାଇ ପାରିବ । ଦରଖାସ୍ତ ସହ H.S.C. ଠାରୁ ଆବେଦନ କରିଥିବା ପଦବୀ ପାଇଁ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଏବଂ ମାର୍କ ତାଲିକାର ଅବିକଳ ନକଲ (ଆଟେଷ୍ଟେଟ୍ କପି) , କର୍ମନିୟୋଜନ ସଂସ୍ଥାରେ ପଞ୍ଜିକରଣ ପ୍ରମାଣପତ୍ର(Valid), ଜାତିଗତ ଏବଂ ଆବାସିକ ପ୍ରମାଣପତ୍ର , ଭିନ୍ନକ୍ଷମ ହୋଇଥିଲେ ତା ଅବିକଲ ପ୍ରମାଣପତ୍ର, ପ୍ରାର୍ଥୀ ଙ୍କର ୨ କିତା ବର୍ତ୍ତମାନର ସହିମୋହର ପାସପୋର୍ଟ ଆକାର ଫଟୋ ଏବଂ କେବଳ ଗୋଟିଏ ଶିକ୍ଷାଜିଲ୍ଲାରେ ଆବେଦନ କରିଛନ୍ତି ବୋଲି ସତ୍ୟପାଠ ଇତ୍ୟାଦିର ସଂଯୋଗ ନଥିଲେ ଆବେଦନ ପତ୍ରଟିକୁ ଖାରଜ କରି ଦିଆଯିବ ।

APPLICATION FOR THE POST OF SHIKSHA SAHAYK

1. Name of the Education District:
2. Post applied for :
3. Name of the Candidate (in Capital Letter)
4. Father's / Husband's Name
5. Present Address
6. Permanent Address
7. Date of Birth (Enclose attested copy of Proof)
8. Age (As on 31/07/2011)
9. Gender (Male / Female)
10. Education Qualification (Enclose attested copy of Proof)

| Educational Qualification | Name of the . Board / Univ | Name of the Education Institution | Year of Passing | Mark (Including Foundation and Ancillary course | | Mark (Excluding Foundation and Ancillary course | | Percentage of Mark |
|---|---|---|---|---|---|---|---|---|
| | | | | Full | Secured | Full | Secured | |
| | | | | | | | | |

11. Category (SC/ST/SEBC) ((Enclose attested copy of Proof)
12. PWD Certificate (If any) (V.I / H.I)
13. Residential Certificate (Enclose attested copy of Proof)
14. Employment Redg. No. ______________ Name of Exchange ________
15. Copy of Admit Card of CT Exam 2010-11 (If appered)

Place

Date Full Signature of Applicant

Acknowledgement

1. Proof of Age
2. All Certificates (H.S.C./ +2 / C.T/ Graducation/ B.Ed.).
3. Mark sheet (H.S.C./ +2 / C.T/ Graducation/ B.Ed.).
4. Residential Certificate
5. Caste Certificate
6. P.H. Certificate
7. Original affidavit 7. Undertaking
8. Two recent Passport size attested photo.
9. Copy of Admit Card of CT Exam 2010-11 (If appered)
10. Sport / Ex-Serviceman Certificate copy.

Signature of Recipient

Name

Designation

ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ